# NATIONAL NEWS BULLETIN (ODIA)
## 18th October - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- କୋଲ୍‌କାତା ଦୁର୍ଗାମଣ୍ଡପ ଦଳାଚକଟା ଘଟଣା ପରିପ୍ରେକ୍ଷୀରେ ଚୋର୍-ବାଗାନ ସମେତ ଆଖପାଖ ଅଞ୍ଚଳରେ ଲାଗୁ ହେଲା ଧାରା ୧୬୩ ।
- ଜମ୍ମୁ-କାଶ୍ମୀର ଓ ଲଦାଖ୍ ହାଇକୋର୍ଟର ଲଦାଖ୍ ବେଞ୍ଚକୁ ଆଜି ଲେହଠାରେ ଉଦ୍‌ଘାଟନ କଲେ ପ୍ରଧାନ ବିଚାରପତି ।

— ବୁଧବାରଠାରୁ ଆରମ୍ଭ ହେବ ଶୁଣାଣି ।

- ଭ୍ରମାତ୍ମକ ସୂଚନା ଆଧାରରେ ପାନୀୟଯୋଗ୍ୟ କ୍ଷୀର ସାମଗ୍ରୀ ପ୍ରସ୍ତୁତ ନିର୍ମାତାଙ୍କୁ FSSAI ଜାରି କଲା ନୋଟିସ୍ ।
- ଫ୍ରାନ୍ସରେ ସଂଘଟିତ ହିଂସାତ୍ମକ୍ ଘଟଣାରେ ଊନବିଂଶ ଶତାବ୍ଦୀର ସିଟି ହଲ୍ କ୍ଷତିଗ୍ରସ୍ତ ।

ଏବଂ

- ଚଳିତ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିପକ୍ଷରେ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଛି ଜିମ୍ବାୱେ ।

## କୋଲ୍‌କାତା - ଷ୍ଟାଣ୍ଡେଡ୍

କୋଲ୍‌କାତାର ଚୋର୍-ବାଗାନ ଦୁର୍ଗାମଣ୍ଡପରେ ଗତକାଲି ଘଟିଥିବା ଦଳାଚକଟା ଘଟଣା ପରିପ୍ରେକ୍ଷୀରେ ସେଠାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯାଇଛି । ଚୋର୍-ବାଗାନ୍ ସମେତ ଆଖପାଖ ଅଞ୍ଚଳରେ ଏହି ଧାରା ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୋଲ୍‌କାତା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ୫ କିମ୍ବା ତା'ଠାରୁ ଅଧିକ ଲୋକ ଏକତ୍ରିତ ହେବା ଉପରେ କଟକଣା ସହ କୌଣସି ପ୍ରକାର ଶୋଭାଯାତ୍ରା, ସାଧାରଣ ସଭା, ବିପଦପୂର୍ଣ୍ଣ ସାମଗ୍ରୀ ବହନ ଉପରେ ନିଷେଧାଦେଶ ଜାରି କରାଯାଇଛି । ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁଇନ୍ଦା ସୂଚନା ଆଧାରରେ ସତର୍କତାମୂଳକ ଭାବେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି । ଦଳାଚକଟା ଘଟଣା ନେଇ ଗିରୀଶ ପାର୍କ ପୁଲିସ ପକ୍ଷରୁ ଏକ ମାମଲା ପଞ୍ଜିକୃତ ହୋଇଥିବାବେଳେ ଏହାର ତଦନ୍ତ ଜାରି ରହିଛି । ଚୋର୍-ବାଗାନ୍

ସାର୍ବଜନୀନ ଦୁର୍ଗୋତ୍ସବ ସମିତିର ୭ ଜଣ ସଦସ୍ୟଙ୍କୁ ଇତିମଧ୍ୟରେ ପୁଲିସ୍ ଗିରଫ କରିଛି ।

ଗିରଫ ହୋଇଥିବା ଏହି ୭ ଜଣଙ୍କୁ ୧୦ ଦିନ ପାଇଁ ପୁଲିସ୍ ହେଫାଜତ୍‌ରେ ରଖିବାପାଇଁ ଆଜି ସେଠାକାର ନିମ୍ନ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ୧୯ ଜଣଙ୍କର ମୃତ୍ୟୁ ହେବା ସହ ୨୫ ଜଣ ଆହତ ହୋଇଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟବ୍ୟାପୀ ଅନ୍ୟାନ୍ୟ ଦୁର୍ଗାପୂଜା ମଣ୍ଡପଗୁଡ଼ିକରେ ସୁରକ୍ଷା ସ୍ଥିତି ନେଇ ସମୀକ୍ଷା କରିବାପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ସମ୍ପର୍କରେ ଘୋଷଣା କରିଥିଲେ । ଇତିମଧ୍ୟରେ ରାଜ୍ୟ ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ସହ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରାଯିବା ନେଇ ଘୋଷଣା କରିଛନ୍ତି । ପୂର୍ବରୁ କେନ୍ଦ୍ର ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିଲେ ।

## ଲେହ - ହାଇକୋର୍ଟ

ଜମ୍ମୁ-କାଶ୍ମୀର ଏବଂ ଲଦାଖ୍ ହାଇକୋର୍ଟର ଲଦାଖ୍ ବେଞ୍ଚକୁ ଆଜି ଲେହଠାରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଉଦ୍‌ଘାଟନ କରିଛନ୍ତି ।

ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ୍, ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଜଷ୍ଟିସ୍ ଅରୁଣ ପାଲ୍ଲୀଙ୍କ ସମେତ ଆଟର୍ଣ୍ଣି ଜେନେରାଲ୍ ଆର୍. ଭେଙ୍କଟରମଣି ଓ ଲଦାଖ ଉପରାଜ୍ୟପାଳ ଭି.କେ. ସାକ୍‌ସେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ନୂତନ ବେଞ୍ଚ୍‌ରେ ଆସନ୍ତା ବୁଧବାରଠାରୁ ମାମଲାର ଶୁଣାଣି ଆରମ୍ଭ ହେବ । ଗତ ଅଗଷ୍ଟ ମାସରେ ଲଦାଖ୍ ବେଞ୍ଚ୍ ପ୍ରତିଷ୍ଠା ନେଇ କେନ୍ଦ୍ର ସରକାର ଅନୁମୋଦନ ପ୍ରଦାନ କରିଥିଲେ । ପୂର୍ବରୁ ଶ୍ରୀନଗର ଓ ଜମ୍ମୁରେ ହାଇକୋର୍ଟର ଦୁଇଟି ବେଞ୍ଚ୍ ରହିଛି ।

## ଏଫ୍.ଏସ୍.ଏସ୍.ଏ.ଆଇ. - ନୋଟିସ୍

ପାନୀୟଯୋଗ୍ୟ କ୍ଷୀର ସାମଗ୍ରୀର ପ୍ୟାକେଟ୍ ଉପରେ ଭ୍ରମାତ୍ମକ ସୂଚନା ଏବଂ ବିଜ୍ଞାପନରେ ପ୍ରଦତ୍ତ ତଥ୍ୟରେ ରହିଥିବା ଅସମାନତା ପରିପ୍ରେକ୍ଷୀରେ ସମ୍ପୃକ୍ତ ନିର୍ମାତାଙ୍କୁ ଭାରତ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ - FSSAI ନୋଟିସ୍ ଜାରି କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ FSSAI ପକ୍ଷରୁ କୁହାଯାଇଛି, ଯାଞ୍ଚ୍ ପରେ ଅସମାନତା ପ୍ରମାଣିତ ହେବାରୁ ଏହି ନୋଟିସ୍ ଜାରି ହୋଇଛି । ବିଶେଷକରି କଫି ସ୍ୱାଦଯୁକ୍ତ କ୍ଷୀର ପାନୀୟ ପ୍ୟାକେଟ୍ ସମ୍ମୁଖ ଭାଗରେ ସ୍ୱାଦଯୁକ୍ତ କ୍ଷୀର

ଲେଖାଯାଇଥିବାବେଳେ ପଛପାଖରେ ସତ୍ତ୍ୱାଧିକାର ଖାଦ୍ୟ ଉଲ୍ଲେଖ କରାଯାଇଛି । ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ, ୨୦୦୬ ଆଧାରରେ ନିର୍ମାତାଙ୍କୁ ନୋଟିସ୍ ଜାରି ହୋଇଥିବା FSSAI ସ୍ପଷ୍ଟ କରିଛି । ଆଇନ ଉଲ୍ଲଙ୍ଘନ କ୍ଷେତ୍ରରେ ବିଜ୍ଞାପନ ଉପରେ ନିଷେଧାଦେଶ ଜାରି ହେବା ସହ ସଂଶୋଧନମୂଳକ ବିଜ୍ଞାପନ ପ୍ରକାଶନପାଇଁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି FSSAI ସୂଚନା ଦେଇଛି । ଉପଭୋକ୍ତାଙ୍କୁ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ସଠିକ୍ ମାର୍ଗ ନିରୂପଣପାଇଁ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ FSSAI ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଇରାନ୍ ୱାର୍ଣ୍ଡ - ୟୁ.ଏସ୍.

ଇରାନ୍ ଉପରେ ଅଧିକ ଆକ୍ରମଣରୁ ବିରତ ରହିବାପାଇଁ ନବନିଯୁକ୍ତ ପ୍ରତିରକ୍ଷା ମନ୍ତ୍ରୀ ମେହର୍‌ଦାଦ ଅଖ୍‌ଲାଘି' ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କୁ ଚେତାବନୀ ଦେଇଛନ୍ତି । ତେହେରାନ୍ ପକ୍ଷରୁ ଏଥିପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ସତର୍କ କରାଇ ଦେଇଛନ୍ତି । ଇରାନ୍ ସଂସଦ ଆଜି ଶ୍ରୀ ଅଖଲାଘିଙ୍କ ପ୍ରତିରକ୍ଷା ମନ୍ତ୍ରୀ ଭାବେ ନିଯୁକ୍ତିକୁ ଅନୁମୋଦନ କରିବା ପରେ ସେ ଏହି ମନ୍ତବ୍ୟ ଦେଇଛନ୍ତି । ୨୭୭ ଜଣ ସାଂସଦଙ୍କ ୨୩୭ ଜଣ ତାଙ୍କ ନାମାଙ୍କନକୁ ସମର୍ଥନ ପ୍ରଦାନ କରିଥିଲେ । ପ୍ରତ୍ୟେକ ଆକ୍ରମଣର ଇରାନ ଜବାବ ଦେବାକୁ ପ୍ରସ୍ତୁତ ଅଛି

ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣରେ ପ୍ରାଣ ହରାଇଥିବା ଅଜିଜ୍ ନାସିରଜାଦେହ'ଙ୍କ ସ୍ଥାନରେ ଶ୍ରୀ ଅଖଲାଘି ପ୍ରତିରକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ଅଖଲାଘିଙ୍କ ଅନୁମୋଦନ ପୂର୍ବରୁ ବ୍ରିଗେଡିୟର ଜେନେରାଲ୍ ସୟଦ୍ ମାଜିଦ୍ ଇବନ୍ ଅଲ୍-ରେଜା କାର୍ଯ୍ୟକାରୀ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ ।

## ଫ୍ରାନ୍ସ ପ୍ରୋଟେଷ୍ଟ

ଫ୍ରାନ୍‌ସରେ ପ୍ରତିବାଦ ସମାବେଶ ଏବଂ ହିଂସାତ୍ମକ ଆଚରଣ ଓ ଲୁଟ୍‌ପାଟ୍ ନେଇ ୧୮ ଶହରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି । ଖର୍ଚ୍ଚ ବୃଦ୍ଧି ଏବଂ ବିଦ୍ୟାଳୟଗୁଡ଼ିକରେ ଖରାପ ପରିସ୍ଥିତି ଅଭିଯୋଗ ନେଇ ଲକ୍ଷାଧିକ ଲୋକ ପ୍ରତିବାଦ ସମାବେଶରେ ଯୋଗ ଦେଇଥିଲେ । ସ୍ଥାନୀୟ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ମୁଖା ପିନ୍ଧିଥିବା ଗୋଷ୍ଠୀର ସଦସ୍ୟ ଗତକାଲି ସହରର ବିଭିନ୍ନ ସାର୍ବଜନୀନ କୋଠାଗୁଡ଼ିକରେ ନିଆଁ ଲଗାଇବା ସହ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିଥିଲେ । ଊନବିଂଶ ଶତାବ୍ଦୀର ସିଟି ହଲ୍‌କୁ ନିଆଁ ମାଡ଼ିଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି । ଫଳରେ ଏହାର ଛାତ ଭୁଶୁଡ଼ି ପଡ଼ିଥିଲା । ଫ୍ରାନ୍‌ସରେ ଦେଶବ୍ୟାପୀ ପ୍ରାୟ ସାଢ଼େ ୫ ଲକ୍ଷ ଲୋକ ବିଭିନ୍ନ ସ୍ଥାନରେ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ । ହିଂସାତ୍ମକ ଘଟଣାରେ ୫ ଶହରୁ ଅଧିକ ପୁଲିସ୍ ଅଧିକାରୀ, ଅଗ୍ନିଶମ କର୍ମଚାରୀ ଓ ସୁରକ୍ଷା କର୍ମୀ ଆହତ

ହୋଇଥିବା ସେଠାକାର ଗୃହମନ୍ତ୍ରୀ ଲରେଣ୍ଟ ନୁନେଜ୍ ସୂଚନା ଦେଇଛନ୍ତି । ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ଆଜି ସନ୍ଧ୍ୟାରେ ଦେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏହାପୂର୍ବରୁ ସେ ଦେଶର ଉଚ୍ଚ ପଦାଧିକାରୀଙ୍କ ସହ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି ।

ସୂଚନାଯୋଗ୍ୟ, ଖର୍ଚ୍ଚ ବୃଦ୍ଧି, ନିମ୍ନ ମଜୁରି, ସୁଲଭ ଆବାସ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ୟୁରୋପୀୟ ସଂଘର କେତେକ ରାଷ୍ଟ୍ରରେ ବିକ୍ଷୋଭ ସମାବେଶମାନ ଆୟୋଜିତ ହୋଇଛି । ଫ୍ରାନ୍‌ସ ସମେତ ବେଲ୍‌ଜିୟମ୍, ଇଟାଲୀ ଏବଂ ପର୍ତ୍ତୁଗାଲ୍‌ରେ ଲକ୍ଷାଧିକ ଲୋକ ସମାବେଶରେ ଅଂଶଗ୍ରହଣ କରୁଥିବା ଦେଖିବାକୁ ମିଳିଛି ।

## ମହାରାଷ୍ଟ୍ର - ରୋଡ୍ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ବୀଡ୍ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରେ ଜଣେ ୧୧ ବର୍ଷର ନାବାଳକ ରହିଛନ୍ତି । କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୫୫ କିଲୋମିଟର ଦୂର ଖାମଗାଓଁ-ପନ୍ଧରପୁର ଜାତୀୟ ରାଜପଥର ସିନ୍ଦେୱାଡ଼ି କ୍ରସ୍ ରୋଡ୍‌ଠାରେ ଏହି ଦୁର୍ଘଟଣା ହୋଇଛି । ସମସ୍ତ ମୃତକ ମାଜାଲ୍‌ଗାଓଁର ବୋଲି ଜଣାପଡ଼ିଛି । ସେମାନେ ଧାରାଶିବ ଜିଲ୍ଲାର ତୁଲ୍‌ଜାପୁରକୁ ଯାତ୍ରା କରୁଥିଲେ ।

ଏକ ବସ୍ ସହିତ ଯାତ୍ରୀବାହୀ ଗାଡ଼ିଟି ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

## ଦିଲ୍ଲୀ - ହାଫ୍ ମାରାଥନ୍

ଦିଲ୍ଲୀ ହାଫ୍ ମାରାଥନ୍‌ର ୨୧ତମ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି । କେନିଆର 'ଚାର୍ଲସ୍ ମାଟାଟା' ପୁରୁଷ ବର୍ଗ ଏଲିଟ୍ ଗ୍ରୁପ୍‌ରେ ଏବଂ ଇଥିଓପିଆର 'ଉଡ଼ିନେସ୍ ଆଲେମୁ' ମହିଳା ବର୍ଗରେ ବିଜୟୀ ହୋଇଛନ୍ତି । ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ଠାରେ ଶେଷ ହୋଇଥିବା ୨୧ କିଲୋମିଟର ୯୭ ମିଟର ଦୀର୍ଘ ଏହି ଦୌଡ଼ ପ୍ରତିଯୋଗିତାକୁ 'ମାଟାଟା' ୫୦ ମିନିଟ୍ ୫୨ ସେକେଣ୍ଡ୍‌ରେ ଶେଷ କରି ନୂତନ ରେକର୍ଡ଼ ସ୍ଥାପନ କରିଛନ୍ତି । ୨୦୨୦ରେ ଇଥିଓପିଆର 'ଆମେଡ଼େୱର୍କ ୱାଲେଲେଗନ୍' ଏହି ଦୂରତ୍ୱକୁ ୫୮ ମିନିଟ୍ ୫୩ ସେକେଣ୍ଡରେ ଶେଷ କରିଥିଲେ । ଆଜି ସକାଳେ ନୂଆଦିଲ୍ଲୀରେ ପ୍ରତିଯୋଗିତାକୁ ଦେଖିବାପାଇଁ ପ୍ରାୟ ୪୦ ହଜାର ଲୋକ ଏକତ୍ରିତ ହୋଇଥିଲେ । ମାରାଥନ୍‌ରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ୱିମେନ୍ କ୍ରିକେଟ୍

ଭାରତ ଓ ଜିମ୍ବାୱେ ମଧ୍ୟରେ ଚଳିତ ତିନିଟିକିଆ ମହିଳା ଟି-ଟ୍ୱେଣ୍ଟି ଅନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଖେଳାଯାଉଛି । ରାୟପୁରର ସହିଦ ବୀର ନାରାୟଣ ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଜିମ୍ବାୱେ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଛି । ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୪ ୱିକେଟ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ମ୍ୟାଚ୍ ଦେଖିବାପାଇଁ ମହିଳା ଦର୍ଶକଙ୍କୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ପ୍ରସ୍ତାବକ୍ରମେ ନିଃଶୁଳ୍କ ପ୍ରବେଶ ଅନୁମତି ପ୍ରଦାନ କରାଯାଇଛି । ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଦିନ ସେହି ରାୟପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ।

ଟି-ଟ୍ୱେଣ୍ଟି ସିରିଜ୍ ପରେ ଉଭୟ ଦଳ ମଧ୍ୟରେ ୩ଟି ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍ ଖେଳାଯିବ । ଗୁଜରାଟର ଭଦୋଦରାଠାରେ ୨୩ରୁ ୨୮ ତାରିଖ ମଧ୍ୟରେ ଏହି ତିନୋଟିଯାକ ମ୍ୟାଚ୍ ଖେଳାଯିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ଏସୀୟ ପାରା ଗେମ୍ସ

ଜାପାନର ଆଇଚି-ନାଗୋୟାଠାରେ ଆଜି ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତା ୨୦୨୬ର ଆନୁଷ୍ଠାନିକ ଆରମ୍ଭ ହୋଇଛି । ପ୍ରତିଯୋଗିତାର ଏହି ପଞ୍ଚମ ସଂସ୍କରଣରେ ୪୫ଟି ଜାତୀୟ ପାରାଲିମ୍ପିକ୍ କମିଟିର ପ୍ରାୟ ୩ ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ୧୮ଟି ବିଭାଗରେ ଖେଳାଳିମାନେ ନିଜର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିବେ ।

WABI : We are Beautiful Individual ବା "ଆମେ ସମର୍ଥ ମାନବ" ପ୍ରସଙ୍ଗ ଆଧାରରେ ନାଗୋୟାସ୍ଥିତ ପାଲୋମା ମିଜୁହୋ ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି । ଜାପାନ ପ୍ରଧାନମନ୍ତ୍ରୀ ସାନାୟେ ତାକାଇଚି' କ୍ରୀଡ଼ାବିତ୍ ଏବଂ ବିଭିନ୍ନ ଦେଶର ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି ।

ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପ୍ରମୋଦ ଭଗତ ଏବଂ କ୍ରୀଡ଼ାବିତ୍ ସିମ୍ରନ୍ ଶର୍ମା ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ପତାକା ବହନ କରିଥିଲେ । ଏହି କ୍ରୀଡ଼ାରେ ଭାଗନେବା ପାଇଁ ଭାରତରୁ ୨୮୧ ଜଣିଆ ଦଳ ଜାପାନ ଗସ୍ତ କରିଛନ୍ତି । ସେଥିରେ ୧୬୮ ଜଣ ଖେଳାଳି ଏବଂ ୧୧୩ ଜଣ କ୍ରୀଡ଼ା ଅଧିକାରୀ ଓ କର୍ମକର୍ତ୍ତା ଅନ୍ତର୍ଭୁକ୍ତ । ଖେଳାଳିଙ୍କ ମଧ୍ୟରେ ୧୧୨ ଜଣ ପୁରୁଷ ଏବଂ ୫୬ ଜଣ ମହିଳା ଅଛନ୍ତି । ୧୧ଟି ବିଭାଗରେ ଏହି ଖେଳାଳିମାନେ

ଅଂଶଗ୍ରହଣ କରିବେ । ୱେଭ୍ସ ଓ.ଟି.ଟି. ଆପ୍ ଏବଂ ପ୍ରସାରଭାରତୀ ସ୍ପୋର୍ଟସ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରତିଯୋଗିତାର ସିଧା ପ୍ରସାରଣ କରାଯିବ ।

*****